# NATIONAL NEWS BULLETIN (ODIA)

## 4 July - 2025

## Morning Bulletin : 7.15 A.M.

**************************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନିଜର ପଞ୍ଚରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଲେ ତ୍ରିନିଦାଦ ଓ ଟୋବାଗୋରେ ।
- ଦେଶରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ଅଧିକ ସଶକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକୁ ଲୋକସଭା ବାଚସ୍ପତିଙ୍କ ଆହ୍ୱାନ ।
- ରାଞ୍ଚିରେ ଜାତୀୟ ମହିଳା ଓ ଶିଶୁ ବିକାଶ ପ୍ରତିଷ୍ଠାନର ନୂତନ ଆଞ୍ଚଳିକ କେନ୍ଦ୍ର ଆଜି ହେବ ଉଦ୍‌ଘାଟିତ ।
- ବିହାର ବିଧାନସଭା ନିର୍ବାଚନ ଲାଗି ଆସନ୍ତା ଅଗଷ୍ଟ ୧ ତାରିଖ ଦିନ ପ୍ରକାଶ ପାଇବ ଚିଠା ଭୋଟର ତାଲିକା ।

ଏବଂ

- ଶୁଭମନ ଗିଲ୍‌ଙ୍କ ଦ୍ୱିଶତକ ସହିତ ଇଂଲଣ୍ଡ ବିପକ୍ଷରେ ୫୮୭ରନ୍‌ରେ ଶେଷ ହେଲା ଭାରତର ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସ ।

# ପିଏମ୍-ତ୍ରିନିଦାଦ ଆଣ୍ଡ ଟୋବାଗୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପଞ୍ଚରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ତ୍ରିନିଦାଦା ଓ ଟୋବାଗୋରେ ପହଞ୍ଚିଛନ୍ତି । ପୋଟ୍ ଅଫ୍ ସ୍ପେନ୍‌ର ବିମାନ ବନ୍ଦର ଠାରେ ଶ୍ରୀ ମୋଦୀଙ୍କୁ ତାଙ୍କର ତ୍ରିନିଦାଦା ଓ ଟୋବାଗୋର ପ୍ରତିପକ୍ଷ  କମଲା ପରସାଦ-ବିଶେସାର୍‌ଙ୍କ ସମେତ ତାଙ୍କ କ୍ୟାବିନେଟ୍‌ର ଅନେକ ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସେଠାରେ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯିବା ସହିତ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଗତ କରାଯାଇଥିଲା ।

ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ବହୁବର୍ଷ ଆଗରୁ ଅନେକ ଭାରତୀୟ ତ୍ରିନିଦାଦ ଓ ଟୋବାଗୋକୁ ଆସିଥିଲେ । ସମୟାନୁକ୍ରମେ ସମ୍ପୃକ୍ତ ଭାରତୀୟମାନେ ଏହି ଦେଶରେ ବିଭିନ୍ନ କ୍ଷେତ୍ରରେ ନିଜର ଉତ୍କର୍ଷ ପ୍ରତିପାଦିତ କରିପାରିବା ସହ ବିକାଶ ପଥରେ ସହାୟକ ହୋଇପାରିଛନ୍ତି । ପୋଟ୍ ଅଫ୍ ସ୍ପେନ୍ ଠାରେ ସ୍ଥାନୀୟ ଭାରତୀୟ ସମ୍ପ୍ରଦାୟଙ୍କ ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଥିବା ଅଭିନବ ସ୍ୱାଗତ ସମ୍ବର୍ଦ୍ଧନା ଲାଗି ଶ୍ରୀ ମୋଦୀ କୃତଜ୍ଞତା ଜଣାଇଛନ୍ତି ।

ଭାରତୀୟ ସମ୍ପ୍ରଦାୟଙ୍କ ପକ୍ଷରୁ ଆୟୋଜିତ ଏକ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି,  ତ୍ରିନିଦାଦ ଓ ଟୋବାଗୋରେ ଭାରତୀୟ ସମୁଦାୟଙ୍କର ଯାତ୍ରା ସାହସିକତାର ପ୍ରତୀକ ଅଟେ । ସେମାନଙ୍କର

ପୂର୍ବଜ ଏଠାକୁ କେବଳ ପ୍ରବାସୀ ଭାବେ ଆସିନଥିଲେ ବରଂ ଏକ ଅନନ୍ତ ସଭ୍ୟତାର ବାର୍ତ୍ତାବହ ଥିଲେ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

୧୯୯୯ ମସିହା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ କୌଣସି ଭାରତୀୟ ନେତାଙ୍କର ଏହା ହେଉଛି ତ୍ରିନିଦାଦ ଓ ଟୋବାଗୋକୁ ପ୍ରଥମ ଦ୍ୱିପକ୍ଷିୟ ଗସ୍ତ । ଏହି ଦୁଇ ଦିନିଆ ଗସ୍ତ ଅବସରରେ ଶ୍ରୀ ମୋଦୀ ସେଠାକାର ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଓ ପ୍ରଧାନମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ସେଠାକାର ସଂସଦର ଯୁଗ୍ମ ଅଧିବେଶନକୁ ମଧ୍ୟ ଶ୍ରୀ ମୋଦୀ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ଆର୍ଜେଣ୍ଟିନା

ଗ୍ଲୋବାଲ୍ ସାଉଥ୍ ସହିତ ଭାରତର ସହଯୋଗକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ପଞ୍ଚରାଷ୍ଟ୍ରୀୟ ଗସ୍ତ ଅବସରରେ ଆର୍ଜେଣ୍ଟିନା ଗସ୍ତ କରିବେ । ସେଠାକାର ରାଷ୍ଟ୍ରପତି ଜାଭିୟର୍ ମିଲେଇଙ୍କ ନିମନ୍ତ୍ରଣ କ୍ରମେ ପ୍ରାୟ ୫୭ ବର୍ଷ ପରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦୀ ଆଜି ଠାରୁ ଦୁଇ ଦିନ ଲାଗି ଆର୍ଜେଣ୍ଟିନା ଯିବେ । ଏହି ଅବସରରେ ଉଭୟ ନେତା ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, କୃଷି ଖଣିଜ ପଦାର୍ଥ ତୈଳ ଓ ବାଷ୍ପ, ନବୀକରଣୀୟ ଶକ୍ତି, ବ୍ୟବସାୟ ଓ ପୁଞ୍ଜିନିବେଶ ଏବଂ ଜନସମ୍ପର୍କ ଆଦି ବିଭିନ୍ନ କ୍ଷେତ୍ରରେ ଥିବା ସହଯୋଗ ସମ୍ପର୍କରେ ସମୀକ୍ଷା କରିବା ସହିତ ଦ୍ୱିପକ୍ଷିୟ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିବେ ।

## ୟୁଏଲ୍‌ବିଏସ୍-କନ୍‌ଫରେନ୍ସ

ଦେଶରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ଅଧିକ ସଶକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଲୋକସେବା ବାଚସ୍ପତି ଓମ୍ ବିର୍ଲା ସମସ୍ତ ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ହରିଆଣାର ମାନେସାର ଠାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକର ଅଧ୍ୟକ୍ଷମାନଙ୍କ ପ୍ରଥମ ଜାତୀୟ ସ୍ତରୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ବିର୍ଲା କହିଛନ୍ତି,  ସହରାଞ୍ଚଳ ପୌର ସଂସ୍ଥା ଗୁଡ଼ିକରେ ପ୍ରଶ୍ନକାଳ ଏବଂ ଶୂନ୍ୟକାଳ ଭଳି ଗଣତାନ୍ତ୍ରିକ ପ୍ରକ୍ରିୟା ଗୁଡ଼ିକୁ ସାମିଲ କରିବାର ଗୁରୁତ୍ୱ ରହିଛି । ସହରାଞ୍ଚଳ ପୌରସଂସ୍ଥା ଗୁଡ଼ିକୁ ଶ୍ରୀ ବିର୍ଲା ଜନସାଧାରଣଙ୍କର ନିକଟତମ ଶାସନ ବ୍ୟବସ୍ଥା ରୂପେ ଅଭିହିତ କରିବା ସହ ଏହାକୁ ନାଗରିକ କୈନ୍ଦ୍ରୀକ କରିବା ଉପରେ ଆଲୋକପାତ କରିଛନ୍ତି ।

ଏହି ଦୁଇ ଦିନିଆ ସମ୍ମିଳନୀର ବିଷୟବସ୍ତୁ ରହିଛି, ଦେଶ ନିର୍ମାଣ ଏବଂ ସାମ୍ବିଧାନିକ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଶକ୍ତ କରିବା ଦିଗରେ ସହରାଞ୍ଚଳ ପୌର ସଂସ୍ଥା ଗୁଡ଼ିକର ଭୂମିକା ।

## ଅନ୍ନପୂର୍ଣ୍ଣା-ଇନ୍‌ଷ୍ଟିଚ୍ୟୁଟ୍

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ଝାଡ଼ଖଣ୍ଡର ରାଞ୍ଚିରେ ସାବିତ୍ରୀ ବାଇ ଫୁଲେ ଜାତୀୟ ମହିଳା ଓ ଶିଶୁ ବିକାଶ ପ୍ରତିଷ୍ଠାନର ନୂତନ ଆଞ୍ଚଳିକ କେନ୍ଦ୍ରର ଉଦ୍‌ଘାଟନ କରିବେ । ଏହି ନୂତନ ଆଞ୍ଚଳିକ କେନ୍ଦ୍ର

ଦେଶର ପୂର୍ବାଞ୍ଚଳରେ କ୍ଷମତା ନିର୍ମାଣ ପ୍ରଚେଷ୍ଟାର ବିକେନ୍ଦ୍ରୀକରଣ କରିବା ସହିତ ଉନ୍ନତ ସେବା ପ୍ରଦାନ ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ଏହି କେନ୍ଦ୍ରରେ ମିଶନ୍ ଶକ୍ତି, ମିଶନ୍ ବାତ୍ସଲ୍ୟ, ମିଶନ୍ ସକ୍ଷମ ଅଙ୍ଗନୱାଡ଼ି ଓ ପୋଷଣ ୨ ଦଶମିକ୍ ଶୂନ୍ ଲାଗି ତାଲିମ୍ ଏବଂ ଗବେଷଣା କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ । ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ଉପରେ ଏହି କେନ୍ଦ୍ର ବିଶେଷ ଧ୍ୟାନ ଦେଇ କେନ୍ଦ୍ରୀୟ ଯୋଜନା ଗୁଡ଼ିକର ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ସହିତ ସ୍ଥାନୀୟ ଆବଶ୍ୟକତା ପୂରଣ କରିବା ଦିଗରେ କାର୍ଯ୍ୟ କରିବ ।

## ବିହାର-ଇଲେକ୍ସନ୍

ବିହାର ବିଧାନସଭା ନିର୍ବାଚନ ଲାଗି ଆସନ୍ତା ଅଗଷ୍ଟ ୧ ତାରିଖ ଦିନ ଚିଠା ଭୋଟର ତାଲିକା ପ୍ରକାଶିତ ହେବ । ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ନୂଆଦିଲ୍ଲୀ ଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ କରିଥିବା ବୈଠକରୁ ଏହି ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଜୁନ୍ ୨୫ରୁ ଜୁଲାଇ ୩ ତାରିଖ ମଧ୍ୟରେ ବିହାରର ପ୍ରାୟ ୭ କୋଟି ୯୦ ଲକ୍ଷ ଭୋଟରଙ୍କୁ ଗଣନା ଫର୍ମ ମୁଦ୍ରଣ ଓ ବଣ୍ଟନ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଗଣନା ଫର୍ମ ପୂରଣ କରାଯିବ ଓ ଜୁଲାଇ ୨୫ ପୂର୍ବରୁ ଦାଖଲ କରାଯିବ । ବିହାରରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡ଼ିକ ଦ୍ୱାରା ନିଯୁକ୍ତ ୧ ଲକ୍ଷ ୫୪ ହଜାରରୁ ଅଧିକ ବୁଥ୍

ସ୍ତରୀୟ ଏଜେଣ୍ଟଙ୍କ ସକ୍ରିୟ ଅଂଶଗ୍ରହଣ ପ୍ରକ୍ରିୟାକୁ ମଧ୍ୟ ସ୍ୱଚ୍ଛ ଭାବରେ ସମ୍ପନ୍ନ କରାଯାଉଛି ବୋଲି ଏହି ବୈଠକରେ କୁହାଯାଇଛି ।

## ଟେଲିଭିଜନ୍ ରେଟିଂ ଏଜେନ୍ସି

ଟେଲଭିଜନ୍ ରେଟିଂ ସଂସ୍ଥା ୨୦୧୪ ନିର୍ଦ୍ଦେଶାବଳୀରେ କେତେକ ସଂଶୋଧନ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଟେଲିଭିଜନ ରେଟିଂ ଲାଗି ଏକାଧିକ ସଂସ୍ଥାକୁ ଅନୁମତି ଦେବା, ପୁରୁଣା ମୂଲ୍ୟାଙ୍କନ ବ୍ୟବସ୍ଥାକୁ ଏକ ପ୍ରଯୁକ୍ତିଗତ ସହାୟତା ପ୍ରଦାନ କରିବା ଏବଂ ଆଧୁନିକ ଉପାୟରେ ମୋବାଇଲ୍ ଦର୍ଶକଙ୍କ ସଂଖ୍ୟା ଗଣନା କରିବା ହେଉଛି ଏହି ଚିଠା ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ । ମନ୍ତ୍ରଣାଳୟ ପକ୍ଷରୁ ଏହି ନୀତିଗତ ଚିଠା ଜାରି ହେବାର ୩୦ ଦିନ ମଧ୍ୟରେ ସମସ୍ତ ପ୍ରତିପକ୍ଷ ଏବଂ ସାଧାରଣ ଜନତାଙ୍କ ନିକଟରୁ ଏ ସମ୍ପର୍କରେ ମତାମତ ଆମନ୍ତ୍ରଣ କରାଯାଇଛି ।

## ସନ୍ଧ୍ୟା ଦର୍ଶନ

ଶ୍ରୀକ୍ଷେତ୍ର ପୁରୀରେ ଆଜି ଶ୍ରୀଜୀଉଙ୍କର ନବମୀ ବା ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବ । ଭକ୍ତମାନେ ଯେଭଳି ସୁରୁଖୁରୁରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ କରିପାରିବେ ସେଥିଲାଗି ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଛି । ଏହି ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଆସନ୍ତାକାଲି ବାହୁଡ଼ା ଯାତ୍ରା ଲାଗି

ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜନସାଧାରଣ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି କହିଛନ୍ତି । ଅନ୍ୟ ପକ୍ଷରେ ବାହୁଡ଼ା ଯାତ୍ରା ପୂର୍ବରୁ ଗତକାଲି ସରଧାବାଲିରେ ତିନି ରଥର ଦକ୍ଷିଣ ମୋଡ଼ ନୀତି ମଧ୍ୟ ସମ୍ପନ୍ନ ହୋଇଯାଇଛି ।

# ଆକ୍ସିଓମ-୪ ଷ୍ଟଡି

ଆର୍ନ୍ତଜାତୀୟ ମହାକାଶ କେନ୍ଦ୍ରରେ ପ୍ରଥମ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ପୃଥିବୀର କକ୍ଷପଥ ପ୍ରୟୋଗଶାଳାରେ ଏକ ମସ୍ତିଷ୍କ କମ୍ପ୍ୟୁଟର ଇଣ୍ଟରଫେସ୍ ବିକଶିତ କରିବା ପାଇଁ କାମ କରୁଛନ୍ତି। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ଏକ ବ୍ଲଗ୍ ପୋଷ୍ଟରେ ଏହି ସୂଚନା ଦେଇଛି। ଲକ୍ଷ୍ନୌରେ ଜନ୍ମିତ ଶୁକ୍ଲା ଆମେରିକା, ପୋଲାଣ୍ଡ ଏବଂ ହଙ୍ଗେରୀର ଅନ୍ୟ ତିନିଜଣ ମହାକାଶଚାରୀଙ୍କ ସହିତ ଆକ୍ସିଓମ୍-୪ ମିଶନର ଅଂଶସ୍ୱରୂପ ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୪ ଦିନିଆ ବୈଜ୍ଞାନିକ ଅଭିଯାନରେ ଅଛନ୍ତି।

# ଅମରନାଥ ଯାତ୍ରା

୩୮ ଦିନିଆ ବାର୍ଷିକ ଅମରନାଥ ଯାତ୍ରା ଦକ୍ଷିଣ କାଶ୍ମିରୀର ଅନନ୍ତନାଗ ଜିଲ୍ଲାର ପହଲଗାମ ଏବଂ ମଧ୍ଯ କାଶ୍ମୀରର ଗନ୍ଦରବାଲ ଜିଲ୍ଲାର ବାଲତାଲରୁ ଆରମ୍ଭ ହୋଇଛି। ଉଭୟ ରୁଟ୍‌ରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଯାତ୍ରା ଆରମ୍ଭ ହୋଇଥିଲା। ହିମାଳୟ ପର୍ବତ୍ୟାଞ୍ଚଳରେ ଥିବା କାଶ୍ମିରୀ ଅଞ୍ଚଳରେ ୧୨ ହଜାର ୭୫୬ ଫୁଟ୍ ଉଚ୍ଚତାରେ ଅବସ୍ଥିତ ପବିତ୍ର ଅମରନାଥ ଗୁମ୍ଫା ବରଫ ଶିବଲିଙ୍ଗ ପାଇଁ ପ୍ରସିଦ୍ଧ।

# ଟେଷ୍ଟ କ୍ରିକେଟ୍

ବର୍ମିଂହମ୍‌ର ଏଜ୍‌ବାଷ୍ଟନ୍ ଠାରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତର ଅଧିନାୟକ ଶୁଭମନ ଗିଲ୍ ଦ୍ୱିଶତକ ହାସଲ କରିଛନ୍ତି । ଇଂଲଣ୍ଡ ବିପକ୍ଷରେ ଏହି ସଫଳତା ହାସଲ କରିବା କ୍ଷେତ୍ରରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ତଥା ଏସୀୟ ଦଳର ଅଧିନାୟକ । ଶୁଭମନଙ୍କର ୨୬୯ରନ୍ ସହାୟତାରେ ଭାରତ ପ୍ରଥମ ଇନିଂସରେ ମୋଟ୍ ୫୮୭ରନ୍ କରିବାରେ ସକ୍ଷମ ହୋଇଥିଲା । ଏହାର ଜବାବରେ ଇଂଲଣ୍ଡ ଦଳ ସେମାନଙ୍କର ପ୍ରଥମ ଇନିଂସରେ ଗତକାଲି ଖେଳ ଶେଷ ହେଲା ବେଳକୁ ୩ ଓ୍ୱିକେଟ୍ ହରାଇ ୭୭ରନ୍ କରିଥିଲେ । ପୂର୍ବରୁ ଭାରତୀୟ ଦଳର ଅଧିନାୟକ ଭାବେ ମନସୁର୍ ଅଲି ଖାଁ ପଟାଉଦି, ସୁନୀଲ ଗାଭାସ୍କର, ସଚିନ ତେନ୍ଦୁଲକର ଓ ଏମ୍.ଏସ୍. ଧୋନୀ ଦ୍ୱିଶତକ ହାସଲ

କରିସାରିଛନ୍ତି । ଏହି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୫ ଓ୍ୱିକେଟ୍‌ରେ ବିଜୟ ହାସଲ କରି ୧-୦ରେ ଅଗ୍ରଣୀ ରହିଛି ।

## ଓ୍ୱିମ୍ବଲଡନ୍

ଓ୍ୱିମ୍ବଲଡନ୍ ଟେନିସ୍‌ର ପୁରୁଷ ଡବଲ୍ସ ବର୍ଗର ଦ୍ୱିତୀୟ ପର୍ଯ୍ୟାୟକୁ ଯିବା ଲାଗି ଭାରତର ଏନ୍. ଶ୍ରୀରାମ ବାଲାଜୀ ଯୋଗ୍ୟତା ହାସଲ କରିଛନ୍ତି । ବାଲାଜୀ ଏବଂ ତାଙ୍କର ମେକ୍ସିକୋ ଭାଗିଦାରୀ ମିଗ୍ୱେଲ୍ ରିଏସ୍-ଭାରେଲା ଆମେରିକୀୟ ଯୋଡ଼ି ଲର୍ଣ୍ଣର ଟିଏନ୍ ଓ ଆଲେକ୍‌ଜାଣ୍ଡାର କୋଭାସେଭିକ୍‌ଙ୍କୁ ୬-୪, ୬-୪ ସେଟ୍‌ରେ ହରାଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ବାଲାଜୀ ଓ ଭାରେଲା ଯୋଡ଼ି ସ୍ପେନ୍‌ର ମାର୍ସେଲ୍ ଗ୍ରାନୋଲର୍ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲସ୍‌ଙ୍କ ଯୋଡ଼ିକୁ ଭେଟିବେ ।